# ସଂସ୍କୃତି ବିହାର - ପଚାଶ ବର୍ଷ

● ଅମରେଶ ପଟ୍ଟନାୟକ

ପଚାଶ ବର୍ଷ ତଳେ ଏ ପୃଥିବୀରେ ଏ ସହରରେ ଅଭାବ ଥିଲା ଅନେକ । ଭାବ ଥିଲା ବହୁତ । ଏଇ ଯେପରି ଆମ ଏ କଟକରେ ଅଧିକାଂଶ ସ୍ଥାନରେ ଆଲୁଅ ନ ଥିଲା, ଗାଡ଼ି ମଟର ସ୍କୁଟର ମଟର ସାଇକେଲ ନ ଥିଲା । ଟିଭି ରେଡ଼ିଓ ଟେଲିଫୋନ୍ ନଥିଲା । ଯା'ଙ୍କର ଏସବୁ ଭିତରୁ ଗୋଟିଏ ବା ଏକାଧିକ ଥିଲା ସେମାନେ ସବୁ ସମ୍ଭ୍ରାନ୍ତ ଧନାଢ୍ୟରେ ଗଣା ହେଉଥିଲେ । ସେମାନେ ଯେଉଁମାନେ ଥିଲେ ଏବେ ଅଧିକାଂଶ ସେମାନଙ୍କ ମଧ୍ୟରୁ ଫଟୋରେ ବା ମାଟିରେ ବା ସ୍ମରଣ ସଭାରେ । ଏଇ ଯେପରି ଆମ ବାପ ଜେଜେମାନେ । ଅର୍ଥନୈତିକ ସାମାଜିକ ସ୍ଥିତିରେ ମଧ୍ୟ ଏ ଭିତରେ ରାମଦୋଳି ଭଳି ଭାଗ୍ୟ ଅନେକଙ୍କର ।

କଥାଟି ହେଲା ପଚାଶ ବର୍ଷ ତଳେ (ମୀନାମଣ୍ଡଳ) ମାଟି କୁସ୍ତି, ମେଣ୍ଢା ଲଢ଼େଇ, ନଡ଼ିଆ ଲଢ଼େଇ ନ ହେଲେ କ୍ୟାରମ, ପଶା, ଗୁଡ଼ି ଉଡ଼ା ବା ରାମଲୀଳା, ଜାଗର ଯାତ୍ରାରେ ସୀମିତ ସାହିବସ୍ତି ଏବଂ ଅବସର ବିନୋଦନର ଅନ୍ୟ ଯା' ତା' ଅନ୍ନପୂର୍ଣ୍ଣା ବି ଗ୍ରୁପ୍, ଜନତା ରଙ୍ଗମଞ୍ଚ, କଳାଶ୍ରୀ ଥିଏଟର ଏବଂ ଚାରିପାଞ୍ଚୋଟି ସ୍ଥାୟୀ ଅସ୍ଥାୟୀ ସିନେମାହଲ୍ ।

କଥାଟି ହେଲା ଆମେ ସେତେବେଳେ ପିଲା ଏବଂ ଆମ ପାଇଁ ଖାଲି କିଲ୍ଲା ପଡ଼ିଆ ନୂଆ ତିଆରି ଷ୍ଟାଡ଼ିୟମ ଏବଂ ଅଚାନକ କେବେ କେବେ ଭାଲେନ୍ତିନା ତେରେସ୍କୋଭା ବା ବଲରାଜ ସାହାନୀ ବା ଅତି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ କୁମାର ଉତ୍ସବ ହିଁ ଥିଲା ଆମ ସହରର ସଂସ୍କୃତିର ସାଂସ୍କୃତିକ ସମୃଦ୍ଧିର ପ୍ରମୁଖ ସ୍ୱାକ୍ଷର । ଯେଉଁଥିରେ ସଂଶ୍ଲିଷ୍ଟ ଥିଲେ ବିଶେଷ ଭାବରେ କଟକର ସମ୍ଭ୍ରାନ୍ତ ମାନ୍ୟଗଣ୍ୟ ସମୁଜ୍ଜଳ କିଶୋରୀ ରମଣୀ ଲଳନା । ସ୍ୱଭାବତଃ ମହିଳାମାନେ ହିଁ ବୋଧହୁଏ ଥିଲେ ତା'ର ଉତ୍ସ ଓ ବିସ୍ତାର । ଏମାନଙ୍କ ପ୍ରଚ୍ଛଦରେ ପ୍ରଚ୍ଛନ୍ନ ଥିଲେ .... କଳାବିକାଶ କେନ୍ଦ୍ର, ମିଉଜିକ୍ ଆସୋସିଏସନ୍ ଏବଂ କଟକର ମାନ୍ୟଗଣ୍ୟ ସଂଭ୍ରାନ୍ତ ପରିବାର ।

ଏଇ ସବୁର ପ୍ରେକ୍ଷାପଟରେ ମୁଖ୍ୟତଃ ରେଭେନ୍ସା କଲେଜିଏଟ୍, ପି.ଏମ୍.ଏକାଡ଼େମୀ, ଭକ୍ତମଧୁ ବିଦ୍ୟାପୀଠ ଓ ମାରୁଆଡ଼ି ହାଇସ୍କୁଲ୍‌କୁ ଘେରି ବୋଧହୁଏ ଭୂମିଷ୍ଠ ହେଲା ସଂସ୍କୃତି ବିହାର ।

'ସଂସ୍କୃତି ବିହାର'ର ପ୍ରଥମ ପ୍ରକାଶ ଘଟେ 'ରଜୋତ୍ସବ'ରୁ । ମୁଖ୍ୟ ଉଦ୍ଦେଶ୍ୟ ସାଂସ୍କୃତିକ ଅଭ୍ୟୁଦୟ ଜାଗରଣ ସଂପ୍ରସାରଣ । ନାଚ, ଗୀତ, ନାଟକ ଅପେରା ବିଭିନ୍ନ ପ୍ରତିଦ୍ୱନ୍ଦ୍ୱିତା ପ୍ରତିଯୋଗିତା ସହିତ ଚାଲିଲା ବହୁ ପରୀକ୍ଷା ନିରୀକ୍ଷା । ଏସବୁ ମଧ୍ୟରୁ ସୁନିର୍ଦ୍ଦିଷ୍ଟ ଭାବରେ ଯା' ପୁନର୍ଜୀବିତ ସ୍ୱାତନ୍ତ୍ର୍ୟର ସ୍ୱାକ୍ଷର ବହନ କଲା ତା ହେଲା ଅପେରା । ନୂଆ ଭାବରେ ପୁଣି ଥରେ ଆଦୃତି ଲାଭ କଲା ବୈଷ୍ଣବ ପାଣି, ଜଗନ୍ନାଥ ପାଣିଙ୍କଠାରୁ ଗୋପାଳ ଛୋଟରାୟଙ୍କ ପର୍ଯ୍ୟନ୍ତ ମନିଷୀଙ୍କ ଅମର କୃତି । ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବରେ ଲୋକନୃତ୍ୟ, ଲୋକକଳା ଯେପରି ମୋଗଲ ତାମ୍‌ସାଠାରୁ ଦାସକାଠିଆ ପାଲା ବା ରଣପା ଘୋଡ଼ାନାଚ ଇତ୍ୟାଦିନୂଆ ରୂପରେଖରେ । ପ୍ରତିଭାତ ହେଲେ ଓଡ଼ିଶା ଓ ଓଡ଼ିଶା ବାହାର ବିଭିନ୍ନ ସାଂସ୍କୃତିକ ମଂଚରେ । ସଂସ୍କୃତି ବିହାର ଅପେରା ବିଭିନ୍ନ ରାଜ୍ୟରେ ବିଶେଷଭାବରେ ଉତ୍କଳ ଦିବସରେ ଲୋଡ଼ା ପଡ଼ିଲା । ଏଇତ ଅଳ୍ପ ଦିନ ତଳେ ଗୌହାଟୀରେ ନିଜର ଜାତିର ପତାକା ଉଡ଼େଇ ଆସିଛନ୍ତି ଏମାନେ । ସଂସ୍କୃତି ବିହାରର ମହାମଞ୍ଚରେ ପାଦ ଥାପି ଥିବା ସେଦିନର ବହୁ ନବ ପ୍ରତିଭା ଏବେ ନିଜ ନିଜ ସ୍ଥାନରେ ପ୍ରଥିତଯଶା ମହୀରୁହ । ପ୍ରତିଷ୍ଠାରୁ ଆଜି ପର୍ଯ୍ୟନ୍ତ ଯେଉଁମାନେ କାନ୍ଧେଇ କୋଳେଇ ବଢ଼େଇଛନ୍ତି ସେମାନଙ୍କ ମଧ୍ୟରେ ଆଜି ଏଇ ଲଗ୍ନରେ ମନେପଡ଼ନ୍ତି ବିଜୟ ମିଶ୍ର, ସ୍ୱରୂପ ନାୟକ, ଚନ୍ଦ୍ର ମିଶ୍ର ସୁନିର୍ଦ୍ଦିଷ୍ଟ ଭାବରେ ନାରାୟଣ ସିଂ, ପ୍ରଫେସର ସରୋଜ ସିଂ, ପ୍ରଫେସର ନିର୍ମଳକାନ୍ତି ସେନ୍ ପ୍ରମୁଖ । ସଶ୍ରଦ୍ଧ ଶୁଭକାମନା ଜଣାଇଲା ବେଳେ ବିଶେଷ ଭାବରେ ପ୍ରଣାମ ଜଣାଇବାକୁ ମନ ବଳେ ଏଇ କଟକର ଅଗଣିତ ସଂସ୍କୃତିପ୍ରେମୀଙ୍କୁ ବିଶେଷ ଭାବରେ ଜନତା ରଙ୍ଗମଞ୍ଚକୁ ।

ହଁ, ସମୟ ବଦଳିଛି । ପରିବେଶ ପରିସ୍ଥିତି ଜୀବନଯାତ୍ରା ସାଂସ୍କୃତିକ ସାମାଜିକ ବହୁ ପରିବର୍ତ୍ତନ ମଧ୍ୟ ଦେଇ ଗତି କରିଚାଲିଛି ଏବଂ ଏସବୁକୁ ସାମ୍ନା କରି ତଥାପି ଆମେ ଅଛେ ।

ଆଜି ଆମେ ଆମ ସଂସ୍କୃତିବିହାରର ପଚାଶ ବର୍ଷ ପୂର୍ତ୍ତି ପାଳନ କରୁଛେ । ଯା'ଠୁଁ ଅଧିକ କ'ଣ ଯେ! ଆପାତତଃ ଏ ମାଟିକୁ ଏ ଜାତିକୁ ସଂସ୍କୃତିବିହାରକୁ ଗଭୀର ସଶ୍ରଦ୍ଧ ପ୍ରଣିପାତ ।

❒❒❒